# ତହସିଲଦାରଙ୍କ କାର୍ଯ୍ୟାଳୟ, ଖୁଣ୍ଟା, ମୟୂରଭଞ୍ଜ

IN THE COURT OF THE TAHASILDAR KHUNTA, MAYURBHANJ

ବିଜ୍ଞାପନ ସଂଖ୍ୟା.....539.......// ତା.....07.09.18.......ରିଖ

## ଲଘୁ ଖଣିଜ ଦ୍ରବ୍ୟ ନିଲାମ ନିମନ୍ତେ ବିଜ୍ଞାପନ

ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଛି ଯେ, ମୟୂରଭଞ୍ଜ ଜିଲ୍ଲା ଅନ୍ତର୍ଗତ ଖୁଣ୍ଟା ତହସିଲ ଅଧିନସ୍ଥ ସୁନପୋଖରୀ, ସୁବର୍ଣ୍ଣମଞ୍ଜରୀ ଓ ବହଳଦା (ଗଭେଇ) ଗ୍ରାମରେ ନିମ୍ନ ତଫସିଲଭୁକ୍ତ ଜମିରେ ତହସିଲଦାର ଙ୍କ ଦ୍ୱାରା ଜବତ ହୋଇଥିବା ଲଘୁ ଖଣିଜ ଦ୍ରବ୍ୟ (କଳାପଥର) ପ୍ରକାଶ୍ୟଭାବେ ନିଲାମ ନିମନ୍ତେ ଆସନ୍ତା ତା.15.09.18 ରିଖ ସମୟ ଦିବା 11 ଘଟିକା ଉପ-ଜିଲ୍ଲାପାଳ,ଉଦଳା- କପ୍ତିପଦା ଙ୍କ କାର୍ଯ୍ୟାଳୟରେ କ୍ଷମତାପୂର୍ଣ୍ଣ ପ୍ରାଧିକାରୀଙ୍କ ଜରିଆରେ ପ୍ରକାଶ୍ୟଭାବେ ନିଲାମ ହେବାର ସ୍ଥିରୀକୃତ ହୋଇଅଛି । ପ୍ରକାଶ ଥାଉକି ପ୍ରଥମ ପର୍ଯ୍ୟାୟରେ ତା 15.09.2018 ରିଖରେ ନିଲାମ ନ ହୋଇ ପାରିଲେ ତାହା ଦ୍ୱିତୀୟ ଥର ତା 17.09.2018 ରିଖ ଦିନ ଦିବା 11 ଘଟିକା ସମୟରେ ନିଲାମ କରାଯିବ । ପୁନର୍ବାର ଦ୍ୱିତୀୟ ଥର ନିଲାମ ନ ହୋଇପାରିଲେ ତାହା ତା 18.09.18 ରିଖ ଦିନ 11 ଘଟିକା ସମୟରେ ନିଲାମ କରାଯିବ । ନିଲାମରେ ଭାଗ ନେବାକୁ ଇଚ୍ଛୁକ ବ୍ୟକ୍ତି ନିଲାମ ସମୟରେ ନିଜର ଭୋଟର ପରିଚୟ ପତ୍ର, ପାନ କାର୍ଡ ଓ ଆଧାର କାର୍ଡ ନିଲାମ ସମୟରେ ଦାଖଲ କରିବେ । ନିଲାମରେ ଭାଗ ନେବାକୁ ଇଚ୍ଛୁକ ବ୍ୟକ୍ତି ଟ.2,00,000/-(ଦୁଇ ଲକ୍ଷ ଟଙ୍କା) ମାତ୍ର ଅମାନତ ରାଶି ଭାବେ (ଡିମାଣ୍ଡ ଡ୍ରାଫ୍ଟ) କରି ତହସିଲଦାର, ଖୁଣ୍ଟା ଙ୍କ ନାମରେ ନିଲାମ ଦିନ ନିଲାମ ପୂର୍ବରୁ ଦାଖଲ କରିବେ । ଏତଦ୍ ବ୍ୟତୀତ ସର୍ବୋଚ୍ଚ/ଯୋଗ୍ୟ ବିବେଚିତ ନିଲାମ ଧାରୀ ସମସ୍ତ ଧାର୍ଯ୍ୟ ରାଶି ଏକକାଳୀନ ଦୁଇଦିନ ମଧ୍ୟରେ ଡିମାଣ୍ଡ ଡ୍ରାଫ୍ଟ ମାଧ୍ୟମରେ ତହସିଲଦାର ଖୁଣ୍ଟା ଙ୍କ ନାମରେ ପୈଠ କରିବେ ନଚେତ୍ ଅମାନତ ରାଶି ବ୍ୟାଜାପ୍ତି କରାଯିବ । ସମସ୍ତ ରାଶି ପୈଠ କରିସାରିବା ପରେ ଯୋଗ୍ୟ ବିବେଚିତ ନିଲାମଧାରୀଙ୍କୁ ପଥର ଉଠାଇବା ନିମନ୍ତେ ଅନୁମତି ପତ୍ର ଦିଆଯିବ । ଯୋଗ୍ୟ ବିବେଚିତ ନିଲାମଧାରୀଙ୍କ ବ୍ୟତୀତ ଅନ୍ୟମାନେ ଅମାନତ ରାଶି ସାତ ଦିନ ପରେ ଫେରସ୍ତ ପାଇବେ ।

**ଯୋଗ୍ୟ ବିବେଚିତ ନିଲାମଧାରୀ ନିମ୍ନଲିଖିତ ସର୍ତ୍ତାବଳୀ/ନିର୍ଦ୍ଦେଶାବଳୀ ପାଳନ କରିବା ପାଇଁ ବାଧ୍ୟ ହେବେ -**

1. ନିଲାମ ଗ୍ରହିତା ନିଜ ଖର୍ଚ୍ଚରେ ଓ ନିଜ ହେପାଜତରେ ଲଘୁ ଖଣିଜ ଦ୍ରବ୍ୟ ଗଚ୍ଛିତ ଥିବା ସ୍ଥାନରୁ 7 ଦିନ ମଧ୍ୟରେ ସ୍ଥାନାନ୍ତରୀତ କରିବେ।

2. ନିଲାମ ହୋଇଥିବା ଲଘୁ ଖଣିଜ ଦ୍ରବ୍ୟକୁ ନିକଟସ୍ଥତ ସ୍ଥାନୀୟ ପେଷଣା ୟୁନିଟ (କ୍ରସର) ରେ ପେଷଣ କରିପାରିବେ ନାହିଁ ।

3. ସମସ୍ତ ରାଶି ପୈଠ କରିବା ପରେ ନିଲାମଗ୍ରହିତା କେଉଁ କେଉଁ ଗାଡି ଯୋଗେ ନିଲାମ ହୋଇଥିବା ଖଣିଜ ଦ୍ରବ୍ୟକୁ କେଉଁ ସ୍ଥାନକୁ ପରିବହନ କରିବେ, ଉକ୍ତ ଗାଡିର ନମ୍ବର ଓ ଟ୍ରାଞ୍ଜିଟ ପାସ୍ ନିମନ୍ତେ ସ୍ଥାନୀୟ ତହସିଲଦାର ଙ୍କ ନିକଟରେ ଆବେଦନ କରିବେ ।

4. ନିଲାମ ଗ୍ରହିତା କେବଳ ଦିବା 8 ଘଟିକା ଠାରୁ ଅପରାହ୍ନ 4 ଘଟିକା ମଧ୍ୟରେ ଉକ୍ତ ଖଣିଜ ପଦାର୍ଥ ପରିବହନ କରିପାରିବେ।

5. ନିର୍ଦ୍ଦିଷ୍ଟ ପରିମାଣ ଠାରୁ ଅଧିକ ପରିମାଣର ଖଣିଜ ଦ୍ରବ୍ୟ ପରିବହନ କରିବାର ଦୃଷ୍ଟି ଗୋଚର ହେଲେ ନିୟମାନୁସାରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ।

| କ୍ରମିକ ସଂଖ୍ୟା | ମୌଜା | ପ୍ଲଟ ନଂ | ବେଆଇନ ଭାବେ ଗଚ୍ଛିତ ଥିବା ପଥରର ପରିମାଣ | ଧାର୍ଯ୍ୟ ମୂଲ୍ୟ |
|---|---|---|---|---|
| (1) | (2) | (4) | (5) | (6) |
| 1 | ସୁନପୋଖରୀ | 242 | 1097 ଘନ ମିଟର | Rs.18,18,250/- (ଅଠର ଲକ୍ଷ ଅଠର ହଜାର ଦୁଇଶହ ପଚାଶ ଟଙ୍କା ) ମାତ୍ର |
| 2 | ସୁବର୍ଣ୍ଣମଞ୍ଜରୀ | 303 | 1674 ଘନ ମିଟର | |
| 3 | ବହଳଦା (ଗଭେଇ) | 230, 231, 242, 243, 265, 266, 267/1956 | 1179 ଘନ ମିଟର | |
| 4 | ବହଳଦା (ଗଭେଇ) | 177 | 3323 ଘନ ମିଟର | |
| **TOTAL** | | | **7273 ଘନ ମିଟର** | |

07/09/18

ତହସିଲଦାର, ଖୁଣ୍ଟା

Tahasildar
Khunta, Mayurbhanj

ପରିପତ୍ର ସଂଖ୍ୟା 540 // ତା 07.09.18 ରିଖ

ଏହାର ଏକକିତା ନକଲ ଜିଲ୍ଲାପାଳ, ମୟୂରଭଞ୍ଜ /ଉପ-ଜିଲ୍ଲାପାଳ, କପ୍ତିପଦା, ଉଦଳା ଙ୍କ ଅବଗତି ଓ ବିହିତ କାର୍ଯ୍ୟାନୁଷ୍ଠାନ ତଥା ସଂପୃକ୍ତ କାର୍ଯ୍ୟାଳୟର ନୋଟିସ୍ ବୋର୍ଡରେ ପ୍ରକାଶନ ନିମନ୍ତେ ପ୍ରେରଣ କରାଗଲା ।

ଏହାର ଏକକିତା ନକଲ ଭାର ପ୍ରାପ୍ତ ଅଧିକାରୀ, ଖୁଣ୍ଟା ଥାନା, ଉଦଳା ଉପଖଣ୍ଡ ପୋଲିସ ଅଧିକାରୀଙ୍କ ଅବଗତି ନିମନ୍ତେ ପ୍ରେରଣ କରାଗଲା ।

ଏହାର ଏକକିତା ନକଲ ରାଜସ୍ୱ ନିରୀକ୍ଷକ, ବଡପଥରା ଙ୍କ ଅବଗତି ନିମନ୍ତେ ପଠାଗଲା । ଉପରୋକ୍ତ ଲଘୁ ଖଣିଜ ଦ୍ରବ୍ୟ ନିଲାମ ସଂପର୍କରେ ଗ୍ରାମରେ ଡେଙ୍ଗୁରା ଦ୍ୱାରା ଗ୍ରାମବାସୀଙ୍କ ଅବଗତି ନିମନ୍ତେ ଜଣାଇବେ ଓ ନିଜ କାର୍ଯ୍ୟାଳୟର ନୋଟିସ ବୋର୍ଡରେ ପ୍ରକାଶ କରିବା ପାଇଁ ନିର୍ଦ୍ଦେଶ ଦିଆଗଲା ।

ଏହାର ଏକକିତା ନକଲ ଖୁଣ୍ଟା ତହସିଲ କାର୍ଯ୍ୟାଳୟର ନୋଟିସ ବୋର୍ଡରେ/ଗୋଷ୍ଠୀ ଉନ୍ନୟନ ଅଧିକାରୀ ଖୁଣ୍ଟା ଓ ସଂପୃକ୍ତ ସରପଞ୍ଚଙ୍କ କାର୍ଯ୍ୟାଳୟର ନୋଟିସ ବୋର୍ଡରେ ସର୍ବସାଧାରଣଙ୍କ ଅବଗତି ନିମନ୍ତେ ପ୍ରେରଣ କରାଗଲା ।

07/09/18

ତହସିଲଦାର, ଖୁଣ୍ଟା

Tahasildar
Khunta, Mayurbhanj